# ଦେଶପାଇଁ କାମ କରିଯିବି

ଶ୍ରୀମତୀ ଶରତ କୁମାରୀ ସ୍ୱାଇଁ



କୁନି ଝିଅ କହେ- ଗଛଭାଇ !
ମଞ୍ଜିରେ ତୁ ଲୁଚିଥିଲୁ କାହିଁ ?
ଏତେଟିକେ ମଞ୍ଜି ଭିତରେ କିପରି-
ଥିଲୁ, ମୋ ବିଶ୍ୱାସ ହେଉନାହିଁ ।

ଗଛ ଭାଇ କହେ- କୁନି ଝିଅ !
ବୁଝାଇ କହିବି, ଟିକେ ରହ-
ଟିକି ମଞ୍ଜିଟାରୁ ଏଡ଼େ ଗଛ ମୁହିଁ
କେମିତି କାଢ଼ିଲି ମୋର ମୁହଁ ।

ମଞ୍ଜି ଦେହେ ନିଦେ ଶୋଇଥିଲି
ତାତିବାରୁ ଦେହ ଚାହିଁଦେଲି
ବରଷା ଛୁଇଁଲା, ପବନ ଡାକିଲା
ମାଆ-କୋଳ ଛାଡ଼ି ବାହାରିଲି ।



ମାଟି ମାଆ ନେଲା କୋଳ କରି
ଗଜା ବାହାରିଲା ଥିରିଥିରି,
ସରୁ ସରୁ ଚେର ମାଟିକୁ ଧରିଲା,
ସାଗୁଆ-ପତରେ ଗଲି ଭରି ।



ଚେର ମୋର ପାଣି ଶୋଷି ନେଲା
ସୂରୁଜ ଆଲୁଅ ତାର ଦେଲା
ଦିନୁ ଦିନ ଏବେ ଗଛ ମୁଁ ବଢୁଛି-
ପରହିତ ମୋର କାମ ହେଲା ।

କୁନି ଝିଅ କହେ ଭାବି ଭାବି-
ତୋ ପରି ଦିନେ ମୁଁ ବଡ଼ ହେବି,
ଛୋଟ ଅଛି ଆଜି, ଭେଦଭାବ ତେଜି
ଦେଶ ପାଇଁ କାମ କରିଯିବି ।।

**ତୁମ ପାଇଁ କିଛି ନୂଆ ଶବ୍ଦ :**

ସାଗୁଆ - ସବୁଜ, ହିତ - ମଙ୍ଗଳ, ଭେଦଭାବ - ପର ଆପଣା ଭାବନା, ତେଜି - ତ୍ୟାଗ କରି, ଛାଡ଼ି ।